# NATIONAL NEWS BULLETIN (ODIA)

## 3 September - 2025

## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ଆଜି ନୂଆଦିଲ୍ଲୀରେ ବିଶ୍ୱର ପ୍ରମୁଖ ସେମିକଣ୍ଡକ୍ଟର ଶିଳ୍ପ ସଂସ୍ଥାର ସି.ଇ.ଓ.ମାନଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ୫୬ତମ ଜି.ଏସ୍.ଟି. ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ ଅର୍ଥମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀ ଆଜି ନୂଆଦିଲ୍ଲୀଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କ ସିଙ୍ଗାପୁର ପ୍ରତିପକ୍ଷଙ୍କ ସହିତ କରିବେ ଦ୍ୱିପକ୍ଷିୟ ବୈଠକ ।
- ୨୦୭୦ ମସିହା ସୁଦ୍ଧା ଭାରତକୁ ଏକ କାର୍ବନ **neutral** ଦେଶ ଭାବେ ଗଢ଼ି ତୋଳିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର୍-ଫୋର୍ ପର୍ଯ୍ୟାୟ ଆରମ୍ଭ ହେବ ଆଜିଠାରୁ ।

## ପିଏମ୍-ସିଇଓ ରାଉଣ୍ଡଟେବୁଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ – ସି.ଇ.ଓ.ମାନଙ୍କ ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେବେ । ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍, ଏହାର ଅଭିବୃଦ୍ଧି ଓ ବିକାଶ ଉପରେ ପ୍ରଧାନମନ୍ତ୍ରୀ ଏହି ବୈଠକରେ ବିଶ୍ୱର ବହୁ ପ୍ରତିଷ୍ଠିତ ଶିଳ୍ପ ଗୋଷ୍ଠୀର ସି.ଇ.ଓ.ମାନଙ୍କ ସହିତ ଆଲୋଚନା କରିବେ ।

ବୈଶ୍ୱିକ ସେମିକଣ୍ଡକ୍ଟର ଶୃଙ୍ଖଳ ଯୋଗାଣ ବ୍ୟବସ୍ଥାରେ ଭାରତକୁ ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ତିନି ଦିନିଆ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀକୁ ଶ୍ରୀ ମୋଦୀ ଗତକାଲି ନୂଆଦିଲ୍ଲୀର ଯଶୋଭୂମିଠାରେ ଉଦ୍‌ଘାଟନ କରିଛନ୍ତି ।

ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ବିଶ୍ୱ ସେମିକଣ୍ଡକ୍ଟର ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଦିଗରେ ଭାରତର ସାମର୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଗାମୀ ଦିନରେ ଭାରତର ସେମିକଣ୍ଡକ୍ଟର ବ୍ୟବସାୟ ୧ ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିବାର ଆଶା କରାଯାଉଛି । ପୁଞ୍ଜିନିବେଶଙ୍କ ଲାଗି ଉତ୍ତମ ଭିତ୍ତିଭୂମି ଯୋଗାଣ ସହିତ

ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ କାଗଜପତ୍ର କାର୍ଯ୍ୟକୁ ହ୍ରାସ କରିବା ଉପରେ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତକୁ ଆତ୍ମନିର୍ଭର ବନାଇବା ସହିତ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି,

**V/O-2--PM-SELF-RELIANT**

# ଜିଏସ୍‌ଟି ମିଟିଂ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ୫୬ତମ ବସ୍ତୁ ଓ ସେବାକର ଜି.ଏସ୍.ଟି. ପରିଷଦ ବୈଠକ ଅନୁଷ୍ଠିତ ହେବ । ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତର ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର, ଟିକସହାରକୁ ଯୁକ୍ତିଯୁକ୍ତ କରିବା ସହିତ ଏହି ପ୍ରକ୍ରିୟାକୁ ଅଧିକ ସରଳୀକରଣ କରିବା ଉପରେ ମୁଖ୍ୟତଃ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ସମୟରେ ଜି.ଏସ୍.ଟି. ମାଧ୍ୟମରେ ଦେଶ କିଭଳି ଉପକୃତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ଶ୍ରୀ ମୋଦୀ ଜି.ଏସ୍.ଟି. ଅଧୀନରେ ଆଗାମୀ ପିଢ଼ି ଲାଗି ସଂସ୍କାରମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଏହା ଦ୍ୱାରା ସାଧାରଣ ଜନତା, କୃଷକ,

ମଧ୍ୟବିତ ପରିବାର ଓ ଏମ୍.ଏସ୍.ଏମ୍.ଇ. ଗୁଡ଼ିକ ବିଶେଷ ଉପକୃତ ହୋଇପାରିବେ । ଆଗାମୀ ଦୀପାବଳି ଅବସରରେ ଏହି ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ବ୍ୟବସ୍ଥାର ଉନ୍ମୋଚନ କରାଯିବ । ଏହାଦ୍ୱାରା ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଟିକସ ହ୍ରାସ କରାଯିବା ସହିତ ଉଭୟ ସ୍ଥାନୀୟ ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ ।

**V/O-1-PM--DIWALI-GST-NEXT-REFORM**

ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି କେନ୍ଦ୍ର ସରକାର ଜି.ଏସ୍.ଟି.ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ଲାଗି ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି । ଗତ ମାସରେ ଏହି କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଦେଶରେ ଏକ ସମାବେଶୀ ଅଭିବୃଦ୍ଧି ହାସଲ ସହିତ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକରଣ କରିବା ଉଦ୍ଦେଶ୍ୟରେ ଜି.ଏସ୍.ଟି.କୁ ଏକ ସରଳ, ସ୍ଥିର ତଥା ସ୍ୱଚ୍ଛ ଟିକସ ବ୍ୟବସ୍ଥା ରୂପେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ସିଙ୍ଗାପୁର ପିଏମ୍-ଇଣ୍ଡିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ୱେଙ୍ଗ୍ ଗତକାଲି ସନ୍ଧ୍ୟାରେ ଏକ ତିନି ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆଜି ଉଭୟ ନେତା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟସୂଚୀ

ରହିଛି । ଏତଦ୍‌ବ୍ୟତୀତ ଶ୍ରୀ ଲରେନ୍ସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରିବେ ।

ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କର ଭାରତ ଗସ୍ତ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ-ସିଙ୍ଗାପୁର କୂଟନୀତି ସମ୍ପର୍କର ୬୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ଅଧିକ ସଶକ୍ତ କରିବ । ଏତଦ୍‌ବ୍ୟତୀତ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବା ଲାଗି ମଧ୍ୟ ଅବସର ମିଳିବ । ମନ୍ତ୍ରଣାଳୟ କହିଛି, ଭାରତର ଆକ୍ଟଇଷ୍ଟ ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ସିଙ୍ଗାପୁର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରହି ଆସିଛି । ଗତ ବର୍ଷ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ସିଙ୍ଗାପୁର ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପକ୍ଷିୟ ସମ୍ପର୍କକୁ ଏକ ସମନ୍ୱିତ ରଣନୈତିକ ଭାଗିଦାରୀରେ ପରିଣତ କରାଯାଇ ପାରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଗତକାଲି ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ତାଙ୍କୁ ବିମାନ ସ୍ୱାଗତ କରିଥିଲେ ।

## ସୀତାରମଣ-ସିଙ୍ଗାପୁର ପିଏମ୍

ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ନୂଆଦିଲ୍ଲୀ ଠାରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱୋଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ଫିନ୍‌ଟେକ୍, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ଓ ସଂଯୋଗୀକରଣ ଭଳି ପ୍ରମୁଖ କ୍ଷେତ୍ରରେ ଜାରି ରହିଥିବା ସମନ୍ୱିତ ରଣନୈତିକ ଭାଗିଦାରୀକୁ ସଶକ୍ତ କରିବା ଉପରେ ଉଭୟ ନେତା ଆଲୋଚନା କରିଛନ୍ତି । ଏହିସବୁ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଲାଗି ମଧ୍ୟ ଉଭୟ ନେତା ସହମତ ହୋଇଛନ୍ତି ।

## ଜର୍ମାନ୍ ଫରେନ୍ ମିନିଷ୍ଟର

ଜର୍ମାନ୍ ବୈଦେଶିକ ମନ୍ତ୍ରୀ ଜୋହାନ୍ ଡେଭିଡ୍ ୱାଡେଫୁଲ୍ ଭାରତକୁ ଦୁଇଦିନିଆ ସରକାରୀ ଗସ୍ତରେ ଆସି ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ୱାଡେଫୁଲ୍, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ-ଜର୍ମାନ ମଧ୍ୟରେ ବିବିଧ କ୍ଷେତ୍ରରେ

ଥିବା ରଣନୈତିକ ଭାଗିଦାରୀର ୨୫ ବର୍ଷ ପୂର୍ତ୍ତି ହେଉଥିବାରୁ ଶ୍ରୀ ଓ୍ୱାଡେଫୁଲ୍‌ଙ୍କର ଏହି ଗସ୍ତ ଏହାକୁ ଅଧିକ ସଶକ୍ତ କରିବ ବୋଲି ଆଶା କରାଯାଉଛି ।

## ଗଡ଼କରୀ

୨୦୭୦ ମସିହା ସୁଦ୍ଧା ଭାରତକୁ ଏକ କାର୍ବନ **neutral** ଦେଶ ଭାବେ ଗଢ଼ି ତୋଳିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବିଂଶତମ ବିଶ୍ୱ ନିରନ୍ତରତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପମାନ ଆଗାମୀ ପିଢ଼ି ଲାଗି ଏକ ପ୍ରମୁଖ ଆହ୍ୱାନ ସୃଷ୍ଟି କରିଛି । ଯେକୌଣସି ଦେଶ, ସମାଜ, ଅର୍ଥନୀତି ବା ଜୈବବ୍ୟବସ୍ଥା ଲାଗି ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

## ଇଣ୍ଡିଆ-ଆଫ୍‌ଗାନିସ୍ତାନ

ଭୂକମ୍ପ ବିଧ୍ୱସ୍ତ ଆଫ୍‌ଗାନିସ୍ତାନକୁ ଭାରତ ମାନବୀୟ ସହାୟତା ଆକାରରେ ୨୧ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି । ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଗତକାଲି ବିମାନ ଯୋଗେ ପଠାଯାଇଥିବା ଏହି ସାମଗ୍ରୀ ମଧ୍ୟରେ କମ୍ବଳ, ତମ୍ବୁ, ପାଣି ସଂରକ୍ଷଣ କରି ରଖିବାକୁ ଟ୍ୟାଙ୍କ୍, ଜେନେରେଟର୍, ରୋଷେଇ ସାମଗ୍ରୀ, ପାନୀୟ ଜଳ ବିଶୋଧକ ଅତ୍ୟାବଶ୍ୟକୀୟ ଔଷଧ, ହ୍ୱିଲ୍ ଚେୟାର୍, ସାନିଟାଇଜର୍, ଓ.ଆର୍.ଏସ୍. ପାଉଚ୍ ଏବଂ ମେଡିକାଲ୍ ସରଞ୍ଜାମ ଆଦି ରହିଛି । ଆଫ୍‌ଗାନିସ୍ତାନର ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଆଗାମୀ ଦିନରେ ଅଧିକ ମାନବୀୟ ସହାୟତା ଯୋଗାଇଦେବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ହକି

ବିହାରର ରାଜଗିରି ଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର-ଫୋର୍ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟକୁ ଭାରତ, ଚୀନ୍, ମାଲେସିଆ ଓ ଦକ୍ଷିଣ କୋରିଆ ଉନ୍ନୀତ ହୋଇଛନ୍ତି । ଏଥିରେ ୪ଟି ଯାକ ଦଳ ପରସ୍ପର ସହିତ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ । ସୁପର-ଫୋର୍ ପର୍ଯ୍ୟାୟରେ ସର୍ବାଧିକ ପଏଣ୍ଟ

ପାଇଥିବା ଦୁଇଟି ଦଳ ଫାଇନାଲ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବେ । ବାକି ଦୁଇଟି ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ପରସ୍ପରକୁ ଭେଟିବେ । ବାଂଲାଦେଶ, ଚାଇନିଜ୍ ଚାଇପେଇ, କାଜାଖସ୍ତାନ ଓ ଜାପାନ ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ରହିବା ଲାଗି କ୍ଲାସିଫିକେସନ୍ ମ୍ୟାଚ୍ ଖେଳିବେ । ୨୦୨୬ ହକି ବିଶ୍ୱକପ୍ ଲାଗି ଏସିଆ କପ୍ ୨୦୨୫ ଯୋଗ୍ୟତା ଭିତ୍ତିକ ଟୁର୍ଣ୍ଣାମେଣ୍ଟ ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ଦଳର ର୍ୟାଙ୍କିଙ୍ଗ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

## ୟୁଏସ୍ ଓପନ୍

ୟୁଏସ୍ ଓପନ୍ ୨୦୨୫ର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଟେନିସ୍ ତାରକା ୟୁକି ଭାମ୍ବ୍ରି ଏବଂ ତାଙ୍କର ନ୍ୟୁଜିଲାଣ୍ଡ ଭାଗିଦାରୀ ମାଇକେଲ୍ ଭେନସ୍ ଉନ୍ନିତ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଏହି ଯୋଡ଼ି ଜର୍ମାନ୍‌ର କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଜ୍‌ଙ୍କ ଯୋଡ଼ିକୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜି ରାତିରେ ଅନୁଷ୍ଠିତ ହେବାକୁ ଥିବା କ୍ୱାର୍ଟର ଫାଇନାଲ୍‌ରେ ଭାମ୍ବ୍ରି-ଭେନସ୍ ଯୋଡ଼ି ଯୁକ୍ତରାଷ୍ଟ୍ର ଆମେରିକାର ରାଜୀବ ରାମ ଓ ତାଙ୍କର କ୍ରୋଏସିଆ ଯୋଡ଼ି ନିକୋଲା ମେକ୍‌ଟିକ୍‌ଙ୍କୁ ଭେଟିବେ ।

# ଚେସ୍

ସମ୍ମାନଜନକ ଫାଇଡ୍ ଗ୍ରାଣ୍ଡ ସ୍ୱିସ୍ ୨୦୨୫ ଆଜିଠାରୁ ଉଜ୍‌ବେକିସ୍ତାନର ସମରକନ୍ଦ ଠାରେ ଆରମ୍ଭ ହେଉଛି । ବିଶ୍ୱ ଚେସ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଅନ୍ୟତମ ଭାବେ ବିବେଚିତ ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତର ଆର୍. ପ୍ରାଗ୍‌ନା-ନାନ୍ଧା, ଡି. ଗୁକେଶ, ଅର୍ଜୁନ ଏରିଗାଇସି, ଭିଦିତ୍ ଗୁଜରାଠି, ଦିବ୍ୟା ଦେଶମୁଖ, ବୈଶାଳୀ ରମେଶବାବୁ, ବନ୍ତିକା ଅଗ୍ରୱାଲ ଭଳି ପ୍ରମୁଖ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି ।